



### ଏସ୍‌ଆଇ ଚାକିରି ନାଁରେ ଦେଢ଼ କୋଟି ଠକେଇ

# ପୁନେରୁ ଧରାପଡ଼ିଲା ମାଷ୍ଟର୍‌ମାଇଣ୍ଡ କାଳନ୍ଦୀ

ଭୁବନେଶ୍ୱର, ୨୫।୧୨ (ସମିସ): ସବ୍ ଇନ୍ସପେକ୍ଟର ଚାକିରି ନାଁରେ ଦେଢ଼ କୋଟି ଟଙ୍କା ଠକି ନେଇଥିବା ଧୂର୍ତ୍ତଙ୍କୁ ପୁନେରୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଗିରଫ ଅଭିଯୁକ୍ତ ହେଉଛି କାଳନ୍ଦୀ ରାଉତ। ପୁଲିସ ସୂଚନାନୁସାରେ, ୨୦୧୩ ମସିହାରେ ବାହାରିଥିବା ସବ୍ ଇନ୍ସପେକ୍ଟର (ଡେପୁଟି ସୁବେଦାର, ସର୍ଜେଣ୍ଟ, ଚାକିରି ପାଇଁ କିଛି ଆଶାୟୀ ଆବେଦନ କରି ପରୀକ୍ଷା ଦେଇଥିଲେ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ବୈକୁଣ୍ଠ ନାୟକ ନିଜକୁ ଗୃହ ବିଭାଗର ସେକ୍ସନ ଅଫିସର, ଭୀମସେନ ମହାରଣା ନିଜକୁ ଲୋକ ସେବା ଭବନର ବରିଷ୍ଠ ଅଧିକାରୀ, ଜୟନ୍ତ ମହାନ୍ତି ଓ କାଳନ୍ଦୀ ନିଜକୁ ଗୃହ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇ ଆଶାୟୀ ମାନଙ୍କୁ ଭେଟିଥିଲେ। ପରୀକ୍ଷା ଫଳ ପରେ ଖାଲି ପଡ଼ିଥିବା ଏସ୍‌ଆଇ ପଦବୀରେ ସେମାନଙ୍କୁ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି, ୨୦୨୦ ମସିହାରେ ୩୮ ଜଣ ଆଶାୟୀ ମୋଟ କୋଟିଏ ୪୭ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବାର ବର୍ଷେ ବିତି ଯାଇଥିଲେ ମଧ୍ୟ କୌଣସି ଚାକିରି ତାଲିକା ପ୍ରକାଶ ନ ପାଇବାରୁ ସେମାନେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ନକଲି ଅଧିକାରୀମାନଙ୍କୁ ଏନେଇ ପଚାରିବାରୁ ସେମାନେ ଆଉ ଧରାଛୁଆଁ ଦେଇ ନ ଥିଲା। ଏନେଇ ଆଶାୟୀମାନେ ଲିଖିତ ଅଭିଯୋଗ କରିବା ପରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କେସ୍ ନଂ - ୧୫/୨୧ ରେ ମାମଲା ରୁଜୁ କରିଥିଲା। ବୈକୁଣ୍ଠ, ଭୀମସେନ ଓ ଜୟନ୍ତ ପୂର୍ବରୁ ଗିରଫ ହୋଇଥିବା ବେଳେ କାଳନ୍ଦୀ ଘଟଣା ପରଠାରୁ ଫେରାର ହୋଇ ଯାଇଥିଲା। ସେ ପୁନେରେ ଆତ୍ମଗୋପନ କରିଥିବା ନେଇ ଇଓଡବ୍ଲ୍ୟୁ ଖବର ପାଇଥିଲା। ଘଟଣାର ତଦନ୍ତକାରୀ ଅଧିକାରିଣୀ ପ୍ରଦୀପ୍ତା କୁମାରୀ ପାଣିଗ୍ରାହୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ନିକଟରେ ପୁନେ ଯାଇଥିଲେ। ପୁନେର ହିଞ୍ଜୱାଡି ଅଞ୍ଚଳରୁ କାଳନ୍ଦୀକୁ ଗିରଫ କରିଥିଲେ। ସେ ନିଜର ପରିଚୟ ବଦଳାଇ ସେଠାରେ ଲୁଚିଥିବା ଜଣାପଡ଼ିଥିଲା। ତା' ଠାରୁ ଲାପଟପ୍, ମୋବାଇଲ ଫୋନ୍, ବେଆଇନ ସିମ୍ କାର୍ଡ ଓ ୭ରୁ ଅଧିକ ବେନାମୀ ଏଟିଏମ୍ ଜବତ କରିଥିଲା। କାଳନ୍ଦୀକୁ ସ୍ଥାନୀୟ କୋର୍ଟରେ ହାଜର କରି ୪ ଦିନିଆ ଟ୍ରାନଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଥିଲେ। ଗୁରୁବାର ତାକୁ କୋର୍ଟ ଚାଲାଣ କରିଛି ଇଓଡବ୍ଲ୍ୟୁ।

## ଜମିବିକ୍ରି ଆଳରେ ୩୧ ଲକ୍ଷ ଠକେଇ



ଭୁବନେଶ୍ୱର, ୨୫।୧୨ (ସମିସ): ଜମି ବିକ୍ରି ଆଳରେ ମହିଳାଙ୍କଠାରୁ ୩୧ ଲକ୍ଷ ଟଙ୍କା ଠକି ନେଇଥିବା ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ନୂଆ ସାହିର ବିସିକେସନ ପ୍ରଧାନ (୫୮)।

ପୁଲିସ ସୂଚନାନୁଯାୟୀ, ପ୍ରଣତି ଦାସ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ବସନ୍ତ ମହାପାତ୍ରଙ୍କ ମାଧ୍ୟମରେ କୁମୁଦ ପ୍ରଧାନଙ୍କ ସମ୍ପର୍କରେ ଆସିଥିଲେ। କୁମୁଦ ତାଙ୍କ ଶ୍ୱଶୁର ବିସିକେସନଙ୍କୁ ଜମି ବିକ୍ରେତା ଭାବରେ ପରିଚୟ କରାଇଥିଲେ। ବିସିକେସନ ଗୋବିନ୍ଦପୁର ମୌଜାରେ ଶସ୍ତା ଦରରେ ଜମି ଯୋଗାଇ ଦେବା ପ୍ରତିଶ୍ରୁତି ଦେଇଥିଲେ। ପ୍ରଣତି ତାଙ୍କ କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ ୩୧ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବାପରେ କୁମୁଦ ଓ ବିସିକେସନ ଧରାଛୁଆଁ ଦେଇନଥିଲେ। ଟଙ୍କା ଫେରାଇବାକୁ କହିବାରୁ, ଅଭିଯୁକ୍ତମାନେ ମିଶି ପ୍ରଣତିଙ୍କୁ ଦୁର୍ବ୍ୟବହାର କରିବା ସହ ପୁଅକୁ କ୍ଷତି ପହଞ୍ଚାଇବେ ବୋଲି ଧମକ ଦେଇଥିଲେ। ପ୍ରଣତି ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବିସିକେସନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ବିସିକେସନଙ୍କ ନାମରେ ପ୍ରଧାନ ଇନଫୋଭ୍ୟାଲି ଓ ଖଣ୍ଡଗିରି ଥାନାରେ ଦୁଇଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ସତ୍ୟବିହାର ୪ ମହଲା ବିଲ୍ଡିଂରେ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୨୫।୧୨(ସମିସ): ସତ୍ୟବିହାର ଅଞ୍ଚଳରେ ଥିବା ଏକ ଚାରିମହଲା କୋଠାରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏଥିରେ ପାହାଲ, କଳ୍ପନା ଏବଂ ମଞ୍ଚେଶ୍ୱର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ଅଗ୍ନିଶମ ବିଭାଗ ସୂଚନା ମୁତାବକ, ମଧ୍ୟାହ୍ନ ସମୟରେ ଚତୁର୍ଥ ମହଲାରୁ ଧୂଆଁ ବାହାରିଲା। ସ୍ଥାନୀୟ ଲୋକେ ଏହା ଦେଖି ଘର ମାଲିକ ବିକ୍ରମ ବେତାଲଙ୍କୁ ଖବର ଦେଇଥିଲେ। ଏହାପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ରୋଷେଇ ଘରେ ବିଭିନ୍ନ ସାମଗ୍ରୀ ଜଳି ଯାଇଥିବା ସହ ଆଂଶିକ କ୍ଷୟକ୍ଷତି ହୋଇଛି।

## ଗେଷ୍ଟହାଉସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଠାବ

■ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗ
■ ପୁରୁଷ ବନ୍ଧୁଙ୍କ ନାମରେ ମାମଲା

ଭୁବନେଶ୍ୱର, ୨୫।୧୨ (ସମିସ): ଜାଗମରା ଅଞ୍ଚଳରେ ଥିବା ଏକ ଗେଷ୍ଟ ହାଉସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକ ଜଣକ ହେଉଛନ୍ତି ଝାଡ଼ଖଣ୍ଡ ଜାମସେଦପୁର ପାୟଲ ଦାସ (୨୧)। ନିର୍ଯାତନା ଚାପରେ ଝିଅ ଆତ୍ମହତ୍ୟା କରିଥିବା ନେଇ ବାପା ଦୀପକ ଦାସ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଜୀବନ ରାଜକ୍ ନାଁରେ ମାମଲା ରୁଜୁ କରିଛି ପୁଲିସ।

ଅଭିଯୋଗ ଅନୁଯାୟୀ, ଧୀରଜଗଞ୍ଜର ପାୟଲ ଦୁଇ ବର୍ଷ ହେବ ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ପଢ଼ିବା ସହ ସ୍ଥାନୀୟ ଅଞ୍ଚଳରେ ଥିବା ସୁଟି ହୋମ୍ ନାମକ ଗେଷ୍ଟ ହାଉସରେ ରହୁଥିଲେ। ଗତ ସୋମବାର ସନ୍ଧ୍ୟାରେ ଘରକୁ କଲ୍ କରି କଥାବାର୍ତ୍ତା ହେବା ସହ କେହି ଜଣେ ନିର୍ଯାତନା ଦେଉଥିବା କହିଥିଲେ। ଏହାର ପରଦିନ ଅର୍ଥାତ୍ ମଙ୍ଗଳବାର ଦିନ ଗେଷ୍ଟ ହାଉସ୍ ମାଲିକ ଦୀପକଙ୍କୁ କଲ୍ କରି ପାୟଲ ଆତ୍ମହତ୍ୟା କରିଥିବା ନେଇ ଜଣାଇଥିଲେ। ବାପା ଦୀପକ ପହଞ୍ଚିବା ବେଳକୁ ପାୟଲଙ୍କୁ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କ ରୁମ୍ ଭିତରୁ ଏକ ଡାଏରୀ ମିଳିଥିଲା, ସେଥିରେ ଜୀବନ ରାଜକର ନାମ ଲେଖାଥିବା ବେଳେ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଜୀବନର ଅତ୍ୟାଚାରର ଅସହ୍ୟ ହେବାରୁ ପାୟଲ ଆତ୍ମହତ୍ୟା କରିଥିବା ବାପା ଅଭିଯୋଗ କରିଛନ୍ତି। ସେପଟେ ଏମ୍ସ ଡାକ୍ତରଖାନାରେ ପୁଲିସ ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଗାଡ଼ି ପାର୍କିଂକୁ ନେଇ ତୁମୂଳକାଣ୍ଡ

ଭୁବନେଶ୍ୱର, ୨୫।୧୨ (ସମିସ): ଗାଡ଼ି ପାର୍କିଂକୁ ନେଇ କୋଳଥିଆ ଅଞ୍ଚଳରେ ତୁମୂଳକାଣ୍ଡ ଘଟିଛି। ଜଣେ କାଫେ ମାଲିକ ଓ ତାଙ୍କ ସହଯୋଗୀ ଗ୍ରାହକମାନଙ୍କୁ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଜଣେ ଯୁବତୀଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଏନେଇ ଯୁବତୀ ଜଣକ ଭରତପୁର ଥାନାରେ ଏତଲା ଦେଇଥିବା ବେଳେ କାଫେ ମାଲିକ ମଧ୍ୟ ପାଲଟା ଅଭିଯୋଗ ଆଣିଛନ୍ତି। ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, କୋଳଥିଆ ଅଞ୍ଚଳରେ ଲାଗି ଲାଗି ଦୁଇଟି କାଫେ ରହିଛି। ଗତକାଲି ରାତିରେ ୩ ଜଣ ଯୁବକ ଓ ଯୁବତୀ ଗୋଟିଏ କାଫେକୁ ଯାଇଥିବା ବେଳେ ଆଉ ଗୋଟିଏ କାଫେ ଆଗରେ ଗାଡ଼ି ପାର୍କିଂ କରିଥିଲେ। ସେହି ସମୟରେ କାଫେ ମାଲିକ ଜଣକ ପାର୍କିଂକୁ ବିରୋଧ କରିଥିଲେ। ହେଲେ ଆବଶ୍ୟକ ଯାଗା ଥିବାରୁ ସେମାନେ ଗାଡ଼ି ପାର୍କିଂ କରିଥିଲେ। ଏହାପରେ କାଫେ ମାଲିକ ଜଣକ ନିଜ ଗାଡ଼ିକୁ ନେଇ ସେମାନଙ୍କ ଗାଡ଼ି ପଛରେ ପାର୍କିଂ କରି ଦେଇ ଗାଡ଼ି କିପରି ବାହାର କରିବ ବୋଲି ଧମକ ଦେଇଥିଲେ। ଏହି କଥାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। କାଫେ ମାଲିକ ଓ ତାଙ୍କ ସହଯୋଗୀମାନେ ମିଶି ଗ୍ରାହକମାନଙ୍କୁ ଆକ୍ରମଣ କରିଥିଲେ। ଯୁବତୀ ଜଣକ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇନଥିଲେ। ଉଭୟପକ୍ଷ ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଛି।

## ବର୍ଦ୍ଧିତ ରେଳଭଡ଼ା ପ୍ରତ୍ୟାହାର ଦାବିରେ ବିକ୍ଷୋଭ




ଭୁବନେଶ୍ୱର, ୨୫।୧୨(ସମିସ): ବର୍ଦ୍ଧିତ ରେଳ ଭଡ଼ାବୃଦ୍ଧି ପ୍ରତ୍ୟାହାର ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗୁରୁବାର ଭୁବନେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟ୍ରେନ୍‌ଗୁଡ଼ିକରେ ଜେନେରାଲ କୋଚ୍ ହ୍ରାସ କରି ଜେନେରାଲ ଯାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ସରକାର ବୋଲି ବିକ୍ଷୋଭରେ ସାମିଲ ହୋଇ କ୍ଷୋଭର ସହ ପ୍ରକାଶ କରିଛନ୍ତି ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର। ଏହାକୁ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା ତ୍ରୀବ ନିନ୍ଦା କରିଛନ୍ତି। ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ଭୁବନେଶ୍ୱର ଜୋନ ସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ, ସହ-ସମ୍ପାଦକ ବିଶ୍ୱଜିତ୍ ନାୟକ, ଶଙ୍କର ବାରିକ, ଅଳିତ ମହାପାତ୍ର, ଶଙ୍କର ବେହେରା, ଶରତ ସ୍ୱାଇଁ, ଛେତମ୍ବର ଭୋଇ, ଦିପକ ମହାପାତ୍ର, ଅର୍ଜୁନ ସେଠୀ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବିକ୍ଷୋଭ ପୂର୍ବରୁ ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ଶୋଭାଯାତ୍ରା ବାହାରି ରେଳ ଷ୍ଟେସନ ଭିତରକୁ ପ୍ରବେଶ କରୁଥିଲାବେଳେ ପୁଲିସ ବିକ୍ଷୋଭକାରୀମାନଙ୍କୁ ଅଟକାଇଥିଲା।

## ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ




ଭୁବନେଶ୍ୱର, ୨୫।୧୨(ସମିସ): ଭଦ୍ରକ ନାବାଳିକା ଦୁଷ୍କର୍ମ ଓ ହତ୍ୟାର ନିରପେକ୍ଷ ତଦନ୍ତ, ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ ଓ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଅଖିଳ ଭାରତ ଛାତ୍ରସଙ୍ଘ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ଠାରେ ଗୁରୁବାର ଏଆଇଏସ୍‌ଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୋପାଳପୁର ଗଣ ଦୁଷ୍କର୍ମ ଓ ବଳଙ୍ଗା ଠାରୁ ଆରମ୍ଭ କରି ଧଉଳି ଏବଂ ଚାନ୍ଦବାଲି ଭଳି ଘଟଣା ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଛାତ୍ରସଙ୍ଘର ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା କହିଛନ୍ତି। ଡବଲ ଇଞ୍ଜିନ ସରକାରରେ ମହିଳା ବିରୋଧି ହିଂସା ଦୁଇ ଗୁଣ ହେବା ସହ 'ବେଟି ବଚାଓ, ବେଟି ପଢ଼ାଓ' କେବଳ ଏକ ଦାମୀ ବିଜ୍ଞାପନ ଥିଲା ବୋଲି ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି। ଚାନ୍ଦବାଲି ଘଟଣାରେ ସମ୍ପୃକ୍ତ ଥିବା ପ୍ରତିଟି ଦୁର୍ବୃତ୍ତକୁ ଗିରଫ କରାଯିବା ସହ କଠୋରରୁ କଠୋର ଦଣ୍ଡ ବିଧାନ ଏବଂ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଛାତ୍ରସଙ୍ଘର ନେତୃତ୍ୱମାନେ ବିକ୍ଷୋଭ ଭାଷଣରେ କହିଛନ୍ତି। ଏହି ବିକ୍ଷୋଭରେ ମନୋରଞ୍ଜନ ରାଉତ, ଶୁଭ୍ରରାଣୀ ସାହୁ, ଦେଶପ୍ରିୟ ପଣ୍ଡା, ରାଜରାମ ଡଙ୍ଗରି, ଡୋଲେଶର ଖମାରୀ, ପପୁ ରାଉତ, ସାଗର ପ୍ରଧାନ, ଅଭିଷେକ ପଣ୍ଡା, ରୁଚିସ୍ମିତା ବାରିକ, ମନୋଜ କୁମାର ଜାଲ, ସୁଚିସ୍ମିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡ଼ଦିନ: ଭୋଜି ଫିକା, ନନ୍ଦନକାନନରେ ଭିଡ଼

■ ଜୟଦେବ ବାଟିବାରେ ଫାଙ୍କା ପଡ଼ିଲା ୬୦ ପ୍ରତିଶତ ପିଣ୍ଡି
■ ଗୁରୁବାର ପାଇଁ ରାଜସ୍ୱ କମିଲା ୩ ଲକ୍ଷ ଟଙ୍କା

ଭୁବନେଶ୍ୱର/ନନ୍ଦନକାନନ, ୨୫।୧୨(ସମିସ): ଚଳିତବର୍ଷ ବଡ଼ଦିନ ଗୁରୁବାର ପଡ଼ିଥିବାରୁ ଅବସରରେ ରାଜଧାନୀର ପ୍ରମୁଖ ପିକ୍‌ନିକ୍ ସ୍ପଟ୍‌ଗୁଡ଼ିକରେଆମିଷ ଭୋଜି କ୍ୱଚିତ ଦେଖିବାକୁ ମିଳିଥିଲା। ଏମିତି କି ଯେଉଁ ହାତଗଣତି ଭୋଜି ଆୟୋଜନ ହୋଇଛି ସେଥିରୁ ଅଧିକାଂଶ ମେନ୍ୟୁରୁ ଆମିଷ ଉଭାନ୍ ହୋଇଛି। ସେହିପରି ବଡ଼ଦିନ ଉପଲକ୍ଷେ ମାସକ ଆଗରୁ ପିଣ୍ଡି ବୁକିଂ ହେଉଥିବା ଜୟଦେବ ବାଟିକାରେ ୬୦ ପ୍ରତିଶତ ପିଣ୍ଡି ଖାଲି ପଡ଼ିଥିବାରୁ ଗୋଟିଏ ଦିନରେ ପ୍ରାୟ ୩ ଲକ୍ଷ ଟଙ୍କା କ୍ଷତି ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ନନ୍ଦନକାନନରେ ପୂର୍ବବର୍ଷ ତୁଳନାରେ ପର୍ଯ୍ୟଟକଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଥିବା ଜଣାପଡ଼ିଛି।

ପ୍ରତିବର୍ଷ ବଡ଼ଦିନରେ ବିଭିନ୍ନ ଅନୁଷ୍ଠାନ ଠାରୁ ଆରମ୍ଭକରି ଶିକ୍ଷା ଅନୁଷ୍ଠାନ, କିମ୍ବା ପରିବାର ଓ ସାଙ୍ଗସାଥୀମାନେ ଏକାଠି ହୋଇ ବଣଭୋଜି କରିବାର ଉତ୍କଣ୍ଠା ସମସ୍ତଙ୍କ ମଧ୍ୟରେ ରହିଥାଏ। ଏହିଦିନକୁ ଅଧିକ ସ୍ମରଣୀୟ କରିବାକୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଆୟୋଜନ ସହ ହୋଟେଲରେ ମଧ୍ୟ ଭିଡ଼ ଜମେ। ହେଲେ ଏଥର ବଡ଼ଦିନ ଗୁରୁବାର ପଡ଼ିଥିବାରୁ ବଣଭୋଜି ପାଇଁ ଅଧିକାଂଶ ମନବଳାଇ ନ ଥିଲେ। ଗୁରୁବାର ଅଧିକାଂଶ ଲୋକେ ଆମିଷ ଖାଇ ନ ଥାନ୍ତି। ତେବେ ଭୋଜିର କଥା ଆସିଲେ ପ୍ରଥମେ ଆମିଷ ଆଇଟମ୍ ଆଗରେ ରହିଥାଏ। ବଡ଼ଦିନ ପାଇଁ ବିଭିନ୍ନ ଅଫିସ ଛୁଟି ହୋଇଥିବା ଏହି ଦିନରେ ଅନେକ ନିଜ ସିନେମା ହଲ ଓ ଧର୍ମାନୁଷ୍ଠାନ ପରିଦର୍ଶନ କରିଥିବା ଜଣାପଡ଼ିଛି। ତେବେ ରାଜଧାନୀରେ ବଣଭୋଜିର ଡେଷ୍ଟିନେସନ୍ କୁହାଯାଉଥିବା ଜୟଦେବ ବାଟିକାରେ ଆଜି ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ବଡ଼ଦିନରେ ଭୋଜି ପାଇଁ ମାସକୁ ଆଗରୁ ପିଣ୍ଡି ବୁକିଂ କରାଯାଉଥିବା ବେଳେ ଏଥର ଗୁରୁବାର ପାଇଁ ପ୍ରାୟ ୬୦ ପ୍ରତିଶତ ପିଣ୍ଡି ଫାଙ୍କା ପଡ଼ିଥିଲା। ଆଜି ପର୍ଯ୍ୟଟକଙ୍କ ସଂଖ୍ୟା ୩୪୩୦ ରହିଥିବା ବେଳେ ୨ ଲକ୍ଷ ୭୫ ହଜାର ୭୦୦ ଟଙ୍କା ଆୟ ହୋଇଥିବା ସୂଚନା ରହିଛି। ଏଠାରେ ରହିଥିବା ୩୫ଟି ବଡ଼ ପିଣ୍ଡିରୁ ୨୫ଟି ବୁକିଂ ହୋଇଥିବା ବେଳେ ୧୦୦ଟି ବଣଭୋଜି ସ୍ଥାନର ୪୦ ପ୍ରତିଶତ ବୁକିଂ ହୋଇଥିଲା। ଗତବର୍ଷ ବଡ଼ଦିନରେ ମୋଟ୍ ଆୟ ସାଢ଼େ ୪ଲକ୍ଷ ଟପିଥିବା ବେଳେ ଚଳିତ ବର୍ଷ ୩ଲକ୍ଷ ଛୁଇଁ ନ ଥିବା ଜଣାପଡ଼ିଛି। ଫଳରେ ଗୋଟିଏ ଦିନରେ ଓଡ଼ିଶା ବନ ଉନ୍ନୟନ ନିଗମକୁ କ୍ଷତି ସହିବାକୁ ପଡ଼ିଥିବା ସୂଚନା ରହିଛି।




## ଭିଡ଼ରୁ ଦୁଇ ପକେଟ୍‌ମାର ଗିରଫ



### ମାଙ୍କଡ଼ କାମୁଡ଼ାରେ ଜଣେ ଆହତ, ନିରାଶ କଲା ବୋଟିଂ

ବଡ଼ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ବଡ ଭିଡ଼ ଦେଖିବାକୁ ମିଳିଥିଲା। ଗୋଟିଏ ଦିନରେ ନନ୍ଦନକାନନରେ ପ୍ରାଣୀ ଉଦ୍ୟାନର ୩୧, ୬୦୮ ଟିକଟ ବିକ୍ରି ହୋଇଥିବା ବେଳେ ରାଜ୍ୟ ଉଦ୍ଭିଦ ଉଦ୍ୟାନର ୧୯୧୯ ଟିକଟ ବିକ୍ରି ହୋଇଛି। ପ୍ରକାଶ ଥାଉ କି ଗତ ବର୍ଷ ବଡ଼ଦିନରେ ନନ୍ଦନକାନନର ୧୫୬୦୧ ଖଣ୍ଡ ଟିକଟ ବିକ୍ରି ହେଇଥିବା ବେଳେ ୨୦୧୬ ବଡ଼ ଦିନରେ ୪୦, ୪୮୨ ଟିକଟ ହୋଇଥିଲା। ଭିଡ଼ର ଫାଇଦା ଉଠାଇ ସରୀସୃପ ଉଦ୍ୟାନ ନିକଟରେ ପକେଟମାର କରୁଥିବା ଦୁଇଜଣ ମହିଳାକୁ କର୍ମଚାରୀମାନେ ଧରି ପୁଲିସ ଜିମା ଦେଇଛନ୍ତି। ଜଣେ ମାଙ୍କଡ଼ କାମୁଡାରେ ଓ ଅନ୍ୟ ୧୬ ଜଣ ବିଭିନ୍ନ କାରଣରୁ ଅସୁସ୍ଥତା ଅନୁଭବ କରିଥିଲେ। ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ବାଘ, ଭାଲୁ ଆଦି ସଫାରୀ ପରିଦର୍ଶନ କରିଥିବା ଜାଣିବାକୁ ମିଳିଛି। ଓଟିଡିସିର କ୍ୟାଫେ ଓ ଭୋଜନାଳୟରେ ଲୋକମାନେ ଚଟାପଟ ଖାଦ୍ୟ, ମୃଦୁ ପାନୀୟ, ଚାହା, କଫି, ଆଇସିକ୍ରିମ ସହ ଭୋଜନ କରି ତୃପ୍ତି ମେଣ୍ଟାଇ ଥିଲେ। ବୋଟ ସବାରି ବନ୍ଦ ଥିବା ବେଳେ ବହୁ ପର୍ଯ୍ୟଟକ ବୋଟ ସେବା ନପାଇ ନିରାଶ ହୋଇଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ବୋଟ ବିଷୟରେ ପଚାରି ବୁଝିଥିଲେ। କର୍ମଚାରୀଙ୍କ କହିବା ଅନୁସାରେ ବୋଟ ଚାଲିବା ପାଇଁ ଗତକାଲି ବୁଧବାର ଠାରୁ ପୂର୍ବ ପ୍ରସ୍ତୁତି ଓ ପରୀକ୍ଷଣ ପାଇଁ କାଞ୍ଜିଆ ହ୍ରଦରେ ୧୨ଟି ବୋଟ ଚଳାଯାଇ ପରୀକ୍ଷା କରାଯାଇଥିଲା। ଆଜି ବଡ ଦିନରେ ବୋଟ ଚାଲିବାକୁ ଥିବା ବେଳେ କୌଣସି କାରଣରୁ ଏହା ରୋକା ଯାଇଛି। ତେବେ ଏନେଇ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ କିଛି ଉତ୍ତର ମିଳି ପାରିନାହିଁ। ଏଠାରେ ଥିବା ଶୌଚାଳୟଗୁଡିକ ବହୁ ଅପରିଷ୍କାର ରହିବାକୁ ନେଇ ବହୁ ମହିଳା ପର୍ଯ୍ୟଟକ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା।

Best Wishes to 'The Sakala' for 5th Anniversary.

ADMISSIONS OPEN 2025–26

PRIYANKA DEVI GROUP OF INSTITUTION
Gadadhar Bihar, Baliguali, Puri – 752004

Affiliated to Odisha University of Health Science & Approved by INC, ONC, DMET, OSBP BBSR, Odisha
Clinical Training at DHH, Puri



- B.Sc Nursing
Eligibility: +2 Science (with 45% in PCB)
Qualification: Must qualify OJEE Entrance
Duration: 4 years
- Post Basic B.Sc Nursing
Eligibility: GNM Pass
Duration: 2 years
- GNM & ANM Nursing
Eligibility: +2 Pass (any stream with 40%)
Duration: 3 years / 2 years
- Diploma in Pharmacy (D.Pharm)
Eligibility: +2 Science Pass
Duration: 2 years
Assured Placement Assistance
Stipend available for SC/ST, OBC & SEBC

FOR ADMISSION CONTACT:
7991056177, 9556482657, 9348909319
Website: https://priyankadevi.in

